ISSN -2583-147X (P), Vol.- 9, Issue No.III, June 2023
**Bastabatara Pariprakash Prachee**
***Peer Reviewed and Referred Research Journal***

# ହୃଷୀକେଶ ମଲ୍ଲିକଙ୍କ କାବ୍ୟମାନସ: ଏକ ଆକଳନ

**କନକପ୍ରଭା ମନ୍ତ୍ରୀ**

ଉତ୍ତର ଅଶୀ ଓଡିଆ କବିତା ଧାରାରେ ପଲ୍ଲୀପ୍ରାଣତା, ଗ୍ରାମ୍ୟ ଭାବ ଓ ଗାଉଁଲି ଚିତ୍ରକୁ ନେଇ କବିତା ଲେଖିବାରେ ଧୂରୀଣ କବି ହୃଷୀକେଶ ମଲ୍ଲିକ । ତାଙ୍କର ପ୍ରଥମ କବିତା ସଂକଳନ 'ଧାନ ସାଉଁଟା ଝିଅ' ୧୯୮୭ ମସିହାରେ ପ୍ରକାଶିତ । ଏହି କବିତା ସଂକଳନ ପାଇଁ କବି ବହୁଚର୍ଚ୍ଚିତ ହୋଇଛନ୍ତି । ଧାନ ସାଉଁଟା ଝିଅ ଆଣି ଦେଇଛି ହୃଷୀକେଶଙ୍କୁ ଏକ ସ୍ୱତନ୍ତ୍ର କବିର ପରିଚୟ । ପ୍ରଥମ କବିତା ସଂକଳନ ପାଇଁ ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ୧୯୮୮ ମସିହାରେ ପୁରସ୍କୃତ ହୋଇଛନ୍ତି । ୨୦୨୧ ମସିହାରେ 'ସରି ଯାଇଥିବା ଅପେରା' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ହୃଷୀକେଶଙ୍କ ସୃଜନ କଳାର ନାନ୍ଦନିକତା ଓ ଗମ୍ଭୀରତାକୁ ଆକଳନ କରିବାକୁ ହେଲେ ତାଙ୍କ ଭାବନାର ଚେତନା ଗହ୍ୱରକୁ ଯାଇ ଜୀବନ ଦୃଷ୍ଟି ଓ କାବ୍ୟବୋଧର ସାମ୍ନାସାମ୍ନି ହେବାକୁ ପଡିବ । ନିଜ ଗାଁ, ମାଟି, ପାଣି, ପବନ, ଧାନକ୍ଷେତ, ବରଗଛ ଓ ବୋଉକୁ ତଥା ତାଙ୍କ ସୁନେଲି ସ୍ୱପ୍ନକୁ ସାଇତି ରଖନ୍ତି ତାଙ୍କ କବିତାରେ ହୃଷୀକେଶ ଜୀବନକୁ ଭଲପାଇବା ସହ ପ୍ରକୃତିର ଗୁଣଗାନ କରି ମାନବ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେମକୁ ଉପସ୍ଥାପନ କରିଛନ୍ତି ।

କବି ହୃଷୀକେଶ ମଲ୍ଲିକଙ୍କ କବିତା ମାଟି ଓ ମଣିଷର କଥା କହୁ କହୁ, ଉଜୁଡା କ୍ଷେତର ଗୀତରେ ଆଖିରୁ ଲୁହ ଝରାଏ, କୁହେ ଜୀବନର ଅସହାୟତା, ନିଃସଙ୍ଗତା କବିଙ୍କ କାବ୍ୟଯାତ୍ରାରେ ସାରସ୍ୱତ ସାଧନାର ମାଇଲଖୁଣ୍ଟ ପରି ମନେ ହେଉଥିବା କବିତା ସଂକଳନଗୁଡିକ ହେଲା ଧାନ ସାଉଁଟା ଝିଅ (୧୯୮୭), ଉଜୁଡା କ୍ଷେତର ଗୀତ (୧୯୯୧), ଘଟ ଆକାଶ (୧୯୯୮), ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ (୨୦୦୩), ଧର୍ମପତ୍ନୀ (୨୦୦୦), ଜୀବନ ନାମା (୨୦୦୦), ବସୁକ୍ଷେଣ (୨୦୦୬), ଜେଜେ ଦେଖି ନଥିବା ଭାରତ (୨୦୧୫), ରେବତୀ (୨୦୧୬) ଓ ସରିଯାଇଥିବା ଅପେରା (୨୦୨୧) । ଏ ସମସ୍ତ ସଂକଳନ ତାଙ୍କ କାବ୍ୟ ଜୀବନକୁ ବେଶ୍ ଆଗକୁ ନେଇଯାଇ ପାରିଛି ।

ଗାଉଁଲି ମଣିଷର ଭାଷା କ୍ରମଶଃ ଲୋପପାଇ ଯାଇଥିବାକୁ ଅନୁଭବ କରି କବି ହୃଷୀକେଶ ଓଡିଆ କବିତାରେ ସାମିଲ କରିଛନ୍ତି ଗାଉଁଲି ମଣିଷର ଭାଷାକୁ ଯାହାକି ଆଧୁନିକ ଓଡିଆ କବିତାରେ ଶବ୍ଦ, ଭାବ ଓ ଶୈଳୀରେ ନୂଆ ଚମକ ଆଣି ଦେଇଛି । ଯାହାକି ପାଠକ ପ୍ରାଣକୁ ବିମୁଗ୍ଧ କରିଛି । ଉତ୍ତର ଅଶୀ ଓଡିଆ କାବ୍ୟଧାରାରେ ଏହି ନୂଆ ପ୍ରୟାସ କବିଙ୍କ ସ୍ୱତନ୍ତ୍ର ପ୍ରୟାସ ବୋଲି ଦେଖାଯାଏ । ଏହାର ଉଦାହରଣର ନିଛକ ରୂପ 'ଧାନ-ସାଉଁଟା-ଝିଅ' ଏହି କବିତା ସଂକଳନ ପ୍ରାୟ ସମସ୍ତ କବିତାର ମାନ ଗାଉଁଲି ଶବ୍ଦ, ଯଥା 'ଝିଅ ଓ ଛେଳି ଗୋଠ', ନଈତୁଠ, ଧାନବିଲ, ଗୋଟିଏ ଗାଁର ଦୃଶ୍ୟ ଇତ୍ୟାଦି କବିତାରେ ଗାଉଁଲି ଶବ୍ଦର ବ୍ୟବହାର ପ୍ରାୟତଃ ଦେଖିବାକୁ ମିଳେ । 'ଧାନ ସାଉଁଟା ଝିଅ' କବିତାରେ ସେ ଝିଅର ଜୀବନଚର୍ଯ୍ୟା ଭିତରେ ଉକୁଟି ଉଠୁଥିବା ରୂପ, ଗୁଣ ଓ ଭାବର ପରିପ୍ରକାଶ ଦେଖିବାକୁ ମିଳେ ଗାଉଁଲି ଶବ୍ଦଙ୍କ ମୁଗ୍ଧ ଋହାଣି ମଧ୍ୟରେ । କବିଙ୍କ ଭାଷାରେ-

"ଦିନ ଦି'ଘଡି ବେଳକୁ, ଝିଅଟି
ବଡି ଛେଉ ଫୁଟେ, ଧଣିଆ ପତର ଚଟଣି ଟିକେ
ଘେନି, ପଖାଳ ଥରେ ପାଟିକି ନିଏ
ବିଲ ପିନ୍ଧା ଶାଢି ଖଣ୍ଡିକ ବଢେଇ
ବେତ ପାଛିଆଟି ମୁଣ୍ଡରେ ଥୁଏ ।
ବେଲଗଛ ଅଗରେ ନାଖିଥିବ ।
ବୁଢୀଆ ଜହ୍ନଟେ ପରି
ତା'ଓଠରେ ଉଏଁ, ସରୁ କାଚିଆ ହସଟିଏ ।"

(ଧାନ ସାଉଁଟା ଝିଅ)

‘ଧାନ ସାଉଁଟା ଝିଅ’ ସଂକଳନରେ କେବଳ ପଲ୍ଲିଚେତନା ବା ଗ୍ରାମ୍ୟଦୃଶ୍ୟପଟର ଛିଟା ଦେଖିବାକୁ ମିଳିବା ସହିତ ମା’ର ସ୍ନେହକୁ ଆଦରକୁ ମାର ଅନୁପସ୍ଥିତରେ ପୁତ୍ର କିପରି ଝୁରିହୁଏ ତା’ର ଚିତ୍ର ଏହି କବିତା ମାଧ୍ୟମରେ ଯାହା ‘ବୋଉ ପାଇଁ’ କବିତାରେ ଦେଖିବାକୁ ମିଳେ:-

“ଗଢ଼ିପାରିବ, ଗଢ଼ିପାରିବ ମୋ ବୋଉ ପରି ବୋଉଟିଏ
ଦେ’ଦେ ବୋଲି କହିବନି, ଖାସ ଦେଉଥିବ ।
ଯା’ଯା’ ବୋଲି କହିବନି, ଖାସ୍ ଡାକୁଥିବ

x x x

ତମେ କୁଆଡୁ ବୁଝନ୍ତ ଯେ, କାହିଁକି ମୁଁ
ରାତି ରାତି, ଗାଁ ମୁଣ୍ଡରେ ଖାଂକାରିଆ ପୋଲ ଉପରେ
ଗୁମ୍ ମାରି ବସେ । କାହିଁକି ମୁଁ ରୁଢ଼ ଚଢେଇ
ନୁଖୁରା ମୁଣ୍ଡରେ ବୁଲୁଥାଏ ।।”

ମା’ର ଅନାବିଳ ଭଲପାଇବାକୁ ମନେପକାଇ କବି ବିଳାପ କରନ୍ତି ‘ବୋଉ ପାଇଁ’ କବିତାରେ, ‘ଉଜୁଡ଼ା କ୍ଷେତର ଗୀତ’ ସଂକଳନଟି କବିଙ୍କର ଏକ ସୁନ୍ଦର କବିତା, ଯାହାକି ଏକ ରାତିରେ ଗୋଟିଏ କ୍ଷେତ ନଷ୍ଟ ହୋଇଛି । ଯାହାର ପାଚିଲା ପୁରନ୍ତା କ୍ଷେତ, ଭାତହାଣ୍ଡି ଆଉ ନାହିଁ । କ୍ଷେତକରି, ଗାଁର ସାଆନ୍ତଙ୍କ ଆଗରେ ଗୁହାରି କରିଛି ସେ ଆଶା କରିଥିଲା ଆଳୁ, କଖାରୁ, କାକୁଡ଼ି, କଲରା, ନାଉ ଆଦିରେ ଏ ବର୍ଷ ତା କ୍ଷେତ ପୂରି ଉଠିବ । ସେହି ବର୍ଷର ବାକି ଖଜଣାର ତାଗିଦା ପାଇ ସାରିଛି । ଅଥଚ ତାର ଆଶା ଚୁର୍‌ମାର୍ ହୋଇଗଲା । ଏମିତି ଅନେକ କିଛି ଘଟେ ଗାଁ ଗଣ୍ଡାରେ- ଅକସ୍ମାତ ଅଚନକ ଋଷୀର ଭାଗ୍ୟ କ୍ଷେତର ମାଟିରେ ସତେ ଅବା ପୋତି ହୋଇଯାଏ । ଯେପରି ତାର ଭାଗ୍ୟଚକ୍ର କୁମ୍ଭାରଚକ ପରି ଘୂରି ବୁଲୁଚି ଅହରହ । ତାରି ମଧ୍ୟରେ ମଣିଷକୁ ବଂଚିବାକୁ ହେବ, ସୁଖଦୁଃଖକୁ ଫେଣ୍ଟାଫେଣ୍ଟି କରି । ଏଇ ଅସରା ଅସରା ଅଶ୍ରୁ ସବୁ ତା’ର ନିଜସ୍ୱ ଅନୁଭୂତି- ଯେଉଁଥିରେ ମଣିଷମାନେ ବାରମ୍ବାର ଜାରିତ ହୋଇଥାନ୍ତି- ଜନ୍ମରୁ ମୃତ୍ୟୁ ଯାଏ । ଜନ୍ମ କଲା ମା’ପରି ଧରିତ୍ରୀ ମାଆକୁ କାବ୍ୟନାୟକ ତେଣୁ ନିବେଦନ କରି କୁହନ୍ତି-

“ଏକା ତୁଇ ସିନା ମୋତେ, ବୁଝିବୁ, ଏକା ତୁଇ
ଯେତେ ଥର ନହୁନୁହାଣ ହୋଇ ଓଠ ଶୁଖେଇ
ଫେରିଚି ତୋ କୋଳକୁ ।
ସେତେଥର ତୁ ରଟି ନେଇଛୁ ମୋ କ୍ଷେତକୁ
ନୁଆଁଇ ଦେଇଚୁ ତୋ’ଆକାଶ ଛୁଆଁ ଡାଳ
ନେଚ୍ଛି ନେଚ୍ଛି ଫଳ ।”

‘ଘଟ ଆକାଶ’ କବି ହୃଷୀକେଶ ମଲ୍ଲିକଙ୍କ ତୃତୀୟ କବିତା ସଂକଳନ । ଏହି କବିତାଟି ଦାର୍ଶନିକ ଚିନ୍ତାଧାରାରେ ପରିପୂର୍ଣ୍ଣ । ଗଭୀର ଆଧାତ୍ମିକ ଦର୍ଶନର ପ୍ରତୀକାତ୍ମକ ଅଭିବ୍ୟକ୍ତିର ନିଦର୍ଶନ ‘ଘଟ ଆକାଶ’ । ତେଣୁ ଘଟ ଆକାଶର ରୂପକ ପ୍ରଭାବଶାଳୀ ଦାର୍ଶନିକ ପ୍ରତୀକକୁ ନିଜ ଅତ୍ୟାଧୁନିକ ବା ତଥାକଥିତ ଆଧୁନିକୋତ୍ତର କବିତାଗୁଚ୍ଛର ଶୀର୍ଷକ ଭାବରେ ଆରୋପ କରିଛନ୍ତି କବି ।

“ଏ ଘର, ସେ ଘର ନୁହେଁ
ନୀଳ ନିଷ୍ପ୍ରଭ ଆଲୁଅଯା’ର
ହାତ ଠାରି ଡାକୁଥିଲା ବନେ
ଆ’ଆ’... ସୁନା ଦାଂତ ଲଗା ବଣିକକୁ ।”

(ରଚନା ଦଶଦଣ୍ଡ ଗଲା)

‘ଗାଁ ବର’ କବିତାର ପ୍ରକୃତି, ପରିବେଶ, ଲୋକବିଶ୍ୱାସ, ସୌନ୍ଦର୍ଯ୍ୟ, ଦର୍ଶନ ଓ ଭୌତିକ, ଅତି ଭୌତିକତାର ଜଟିଳ ମିଶ୍ରଣ ଭାବ ନେଇ ଏହି କବିତାଟି ରଚନା କରିଛନ୍ତି । ଗାଁର ବରଗଛକୁ କବିଙ୍କ ଦାର୍ଶନିକ ମନ ଅନେକ ନାମରେ ଜାଣିଛନ୍ତି । କେତେବେଳେ ବାଇମା’ ବର ଆଉ କୋଉଟି ଫାଶିଦିଆ ବରଗଛ । ଅନେକ ଦିନର ପୁରୁଣା ହିସାବ ଏହି ବରଗଛ ସହିତ ଜଡ଼ିତ ସେଇ ପୁରୁଣା ସ୍ମୃତିକୁ ମନେପକାଇ କବି କୁହନ୍ତି-

“କହିବି କହିବି ହୋଇ
କହି ପାରିନି ଏଯାଏ, ତୋତେ କଥାଟିଏ
ମନେଅଛି କି ଭୁଲିଗଲୁଣି କେଜାଣି
ଘୋର ଝଡ ବର୍ଷାରେ
ଅତିଥି ହୋଇଥିଲି ଦିନେ
ତୋ ବିଦୁର ଘରେ
ଶୁଝିବି ଶୁଝିବି ହୋଇ ଶୁଝି ପାରିନି ଏ ଯାଏ ସେ ଋଣ
ଅଧା ଉମର କଟିଗଲାଣି- ଲଡବଡରେ” ।

‘ଧର୍ମପତ୍ନୀ’ କବିତା ସଂକଳନଟି କବିଙ୍କର ଉଚ୍ଚକୋଟିର କବିତା । ଏହି ସଂକଳନରେ ସର୍ବମୋଟ ଅଣସ୍ତରିଟି କବିତା ସ୍ଥାନ ପାଇଛି । ଦେବୀ ଅହଲ୍ୟା ଓ ଧର୍ମପତ୍ନୀ ପ୍ରସଙ୍ଗରେ ଯଥାକ୍ରମେ ଦେବୀ-ଷୋହଳ, ଅହଲ୍ୟା-ପନ୍ଦର, ଧମପତ୍ନୀ-ଅଠତିରିଶ । ଏହିପରି ସର୍ବମୋଟ ଅଣସ୍ତରୀଟି କବିତା ସ୍ଥାନ ପାଇଛି । ନାରୀର ବିଭିନ୍ନ

ସ୍ଥିତି ଓ ସ୍ୱରୂପର ସଂକେତ ରୂପ ହେଉଛି 'ଦେବୀ', 'ଅହଲ୍ୟା' ଓ 'ଧର୍ମପତ୍ନୀ'- ସତେ ଯେପରି ଧର୍ମ, ଅର୍ଥ ଓ କାମର ପ୍ରତିରୂପ । ଏହି ତିନିହେଁ ସ୍ୱତନ୍ତ୍ର, ପୁଣି ଏକ ମଧ୍ୟ ।

ସଂସାର ମୂଳରେ ନାରୀର ସ୍ଥାନ ଖୁବ୍ ଉଚ୍ଚରେ ଏହି ନାରୀ ମାତୃରୂପା । ସେ ସୃଷ୍ଟି କରେ, ସଂସାର ନିର୍ମାଣରେ ସେ ପ୍ରଥମ, ସେ ଆଦିଶକ୍ତି ସେଥିପାଇଁ ଧରିଣୀ ଓ ନଦୀ ମାତୃରୂପା । ମା'ର ଅଧିକ ନାରୀର ଆଉ ଏକ ବଡ ରୂପ ଦେବୀ । ସେହି ଦେବୀ କେବେ କଲ୍ୟାଣମୟୀ, ସଂହାରମୟୀ, ପାଳନକର୍ତ୍ତ୍ରୀ, କେବେ ସହନଶୀଳତା ଓ ତ୍ୟାଗଶୀଳା ନାରୀର ଏହି ଦେବୀରୂପ ବୈଚିତ୍ର୍ୟ ବିବିଧ ଗୁଣକୁ ସନ୍ଦର୍ଶନ କରିଛନ୍ତି କବି ହୃଷୀକେଶ ମଲ୍ଲିକ୍ । ଧର୍ମପତ୍ନୀ ସଂକଳନର ଦେବୀ ପର୍ଯ୍ୟାୟରେ କେବେ ସେ ବିନାଶ ପାଇଁ ତ କେବେ ପ୍ରେମ ପାଇଁ, ପୁଣି କେବେ ବାତ୍ସଲ୍ୟ ପାଇଁ ପୂଜା ପାଇଥାଏ ନାରୀ । ଏଥିପାଇଁ କବି ପ୍ରାଣରୁ ଉଚ୍ଛରି ଉଠେ-

"ଧବଳ ଧୋ ଧୋ ଶାଢ଼ି ପିନ୍ଧି
ତୁ ଓହ୍ଲେଇଆସୁ, ସେଇ ଖେଳ ଖେଳିବାକୁ
ଅଧୋମୁଖ ହୋଇ ପ୍ରସାରି ଦେଉ ତୋର
କ୍ଷିତ୍, ଅପ୍, ତେଜ୍, ମରୁତ୍ ବ୍ୟାପି କାୟା
ଟହ ଟହ ହସରେ ତୋ'ର ସ୍ତିମିତ ହୋଇଥାଏ ମୁଁ

x x x

ନିକାଗନ ଶେଯକୁ ମୋର ତୁ ଓହ୍ଲେଇ ଆସୁଦେବି
ଅତି ସଂଗୋପନରେ, ଅତି ନିଃଶବ୍ଦରେ ।"

ନାରୀର ଏତେ ସବୁ ମହତ୍ତ୍ୱ ପରେ ମଧ୍ୟ ସେ ଅଶୀଧାରରେ ଚାଲେ । ଯନ୍ତ୍ରଣା ସହି ସହି ଦିନ ବିତେ, ଲୁହ ଝରୁଥାଏ କିନ୍ତୁ ସେ ସହି ରହି ଗୁମୁରି ଗୁମୁରି କାନ୍ଦି ନିଜ ଭାଗ୍ୟକୁ ନିନ୍ଦେ ପଛେ ପାଟି ଖୋଲେ ନାହିଁ । ନିର୍ଯ୍ୟାତନାର ତାଡନାରେ କଷି କଷି ହୋଇ ଚାଲିଥାଏ ତା'ର ରକ୍ଷାକର୍ତ୍ତା କେହି ନ ଥାନ୍ତି ।

"ଦୁଃଖ ବି ତୋ'ର ଆଣାକାର ଦେବି
ତୋ ଦୁଃଖର କାନ ନାହିଁ କି ନାକ ନାହିଁ
ତୋ ଆଶାର ଇଷତ୍ ପ୍ରତ୍ୟାଶାବି ନାହିଁ ।"

'ଜୀବନନାମା' କବିତା ସଂକଳନଟି କବିଙ୍କର ପଂଚମ କବିତା ସଂକଳନ । କେତେ କବିତାକୁ ଛାଡି ଦେଲେ ଅନ୍ୟ ସବୁଥିରେ ସମକାଳୀନ ସମୟ ଓ ସମାନ ଚିତ୍ର ଅତି ସଫଳ ଭାବେ ଉତ୍କୀର୍ଣ୍ଣ । 'ବାଲିଆପାଳ'ରେ କ୍ଷେପଣାସ୍ତ୍ର ଘାଟି ସ୍ଥାପନକୁ ବିରୋଧ କରି ସ୍ଥାନୀୟ କୃଷକ ଓ ଜନସାଧାରଣଙ୍କ ଦ୍ୱାରା ଯେଉଁ ତୁମୁଳ ଆନ୍ଦୋଳନ ମୁଣ୍ଡ ଟେକି ଉଠିଥିଲା, ତାହା ସମକାଳୀନ ଲୋକମାନଙ୍କୁ ପ୍ରଭାବିତ କରିଥିଲା । କବି ହୃଷୀକେଶ ମଧ୍ୟ ବାଲିଆପାଳ ଘଟଣାକୁ ନେଇ ବାଲିଆପାଳ (୧,୨.୩) କବିତା ଲେଖିଛନ୍ତି । ମାନବୀୟ ଅନୁକଂପା ଓ ଘାଟି ପ୍ରତିଷ୍ଠା ବିରୁଦ୍ଧରେ ବାଲିଆପାଳ ଯାହାକି ଐତିହାସିକ ଦଲିଲ୍ ସାବ୍ୟସ୍ତ ହୋଇଛି । କବି ଜନଗଣଙ୍କର ହେଇ ପ୍ରସ୍ତାବିତ ଘାଟିକୁ 'ବାଲିଆପାଳ'ରୁ ଫେରି ଯିବାକୁ ଦ୍ୱାହି ପକାଇଛନ୍ତି । ବାଲିଆପାଳର ସମୃଦ୍ଧ ଧାନ-ପାନ-ନାରିକେଳ କ୍ଷେତ ଓ ସେଠିକାର ନିରୀହ ଅଧିବାସୀଙ୍କ ବଳ ନକଷି ଘାଟୀକୁ ସ୍ୱତଃ ସେ ସ୍ଥାନ ଛାଡି ଚାଲିଯିବାକୁ ଆକୁଳ ନିବେଦନ କରିଛନ୍ତି କବି । ଘାଟି ତାଙ୍କ ଭାଷା ବୁଝୁ ନ ବୁଝୁ ପରିଣତରେ ସେଠାରେ କିନ୍ତୁ କ୍ଷେପଣାସ୍ତ୍ର ଘାଟି ସ୍ଥାପିତ ହୋଇନାହିଁ ଓ ଏହି ହେତୁରୁ ଘାଟୀର ନୁହେଁ କବିତାର ହିଁ ଜୟ ହୋଇଛି । ଜୀବନକୁ ଭଲ ପାଉଥିବା କବି । ଜୀବନର ସ୍ୱାଭାବିକତାକୁ ନେଇ କୁହନ୍ତି, ଏହି ଜୀବନ ଭିତରେ ସ୍ୱପ୍ନ ଦେଖିବାକୁ ହେବ, ଜୀବନ ଅଛି ସବୁ ଦୁଃଖ କଷ୍ଟକୁ ଭଲ ପାଇ ଆପଣାର କରିବାକୁ ହେବ । ଜୀବନଟା ନିଜ ପାଇଁ ନୁହେଁ ଆଉ କାହା ପାଇଁ ଗଢା କବିଙ୍କ ଭାଷାରେ-

"ଜନ୍ମ ନେଇଛେ ଯେତେବେଳେ/ବଂଚିବାକୁ ହେବ
ଖାଲି ନିଜ ପାଇଁ ନୁହେଁ ଆଉ କାହା ପାଣିଚିଆ
ପେଜୁଆ ଆଖିର ଝଲମଲ ସ୍ୱପ୍ନଟିଏ ହୋଇ
ପତ୍ନୀର ସିନ୍ଦୁର ଆଉ ପାଣି କାଚ ହୋଇ"

'ସାଖୀ ଚନ୍ଦ୍ର ସୂର୍ଯ୍ୟ' କବିତା ସଂକଳନଟି କବି ହୃଷୀକେଶ ମଲ୍ଲିକ୍‌ର ସପ୍ତମ କବିତା ପୁସ୍ତକ । ୨୦୦୪ରେ ରାଜଧାନୀ ପୁସ୍ତକ ମେଳାରେ ଏହା ପୁରସ୍କୃତ । କବି ଏହି କବିତାରେ ମଣିଷର ସତ୍ୟକୁ ଗ୍ରହଣ କରିବା ପାଇଁ ସାଖୀ ରଖେ ଚନ୍ଦ୍ର, ସୂର୍ଯ୍ୟଙ୍କୁ । ଚନ୍ଦ୍ର ସୂର୍ଯ୍ୟଙ୍କୁ ସାଖୀ ରଖିଲେ ନୈତିକ ଭୀରୁତା ମଣିଷଙ୍କୁ ଚୁପ୍ କରିଦିଏ । କବି ଶ୍ରୀ ମଲ୍ଲିକ୍‌ଙ୍କ ପ୍ରଥମ କବିତା ଏ ସଙ୍କଳନର 'ଡାକବଙ୍ଗଳା' ଏଥିରେ କବି ବ୍ୟଙ୍ଗ କରି କହିଛନ୍ତି କୁରୁକ୍ଷେତ୍ର ଯୁଦ୍ଧରେ ବେଲାଲସେନର କଟାମୁଣ୍ଡ ପରି ଏ ଡାକବଙ୍ଗଳା କେତେ ହାକିମ ହୁକୁମାଙ୍କ ନାରୀଙ୍କର ଅନାଚାରର ମୂକସାକ୍ଷୀ । ନକଲି ବାଳ, ନକଲି ଦାନ୍ତଲଗା ସାହେବମାନଙ୍କୁ ନିଶୂନ୍ ରାତିରେ ଏ ଡାକବଙ୍ଗଳା ଯେପରି ବିଦ୍ରୂପ କରେ-

"ଶ୍ୟାମନାଗର ହେ ଏ ବେଶ ହୋଇବ ନାହିଁ
ଏ ବେଶ ଦେଖିଲେ ପଥର ତରଳେ
ଯୁବତୀ ବଂଚିବେ ନାହିଁ"

ବୁଢ଼ା ଚୌକିଦାର୍ ସବୁ ଜାଣେ, ସବୁ ଶୁଣେ ମାତ୍ର ତା ତୁଣ୍ଡରେ ତାଲ ପଡିଥାଏ । 'ଦୁହିତା ଘର' ଏ ସଂକଳନର ଗୋଟିଏ ସୁନ୍ଦର କବିତାଟିଏ । ଏଥିରେ ନାରୀ ନିର୍ଯ୍ୟାତିତା ତାହାର ସ୍ୱାଧୀନତା ବୋଲି କିଛି ନାହିଁ କି ଅଧିକାର ନାହିଁ । ଯା'ର ହାତ ଧରି ସାତ ଜନ୍ମ ପାଇଁ ବିବାହିତ ହୋଇଛି ତା ଉପରେ ମଧ୍ୟ ଅଧିକାର ନାହିଁ । ଦରମା କଥା ସ୍ୱାମୀକୁ ପଚାରିବାରୁ ସ୍ୱାମୀ ତା'ର ସାତପୁରୁଷକୁ ଉଝାଳି ଦିଏ । ପତ୍ନୀର ଅଧିକାର ନାଇ ତା'ର କଥାରେ କଥା କହିବାର କହିଲେ "ଗାଲ ସେକି ଦେବ ଚପଲରେ" ବୋଲି ବରଟି କୁହେ । ସେପଟେ ତା'ର ମା ମଧ୍ୟ ଲଢୁଥାଏ ମଦୁଆ ସ୍ୱାମୀ ସହିତ । ସବୁଠାରେ ନାରୀ ନିର୍ଯ୍ୟାତିତା । ଝିଅଟି ତାର ମାକୁ ପ୍ରଶ୍ନ କରେ-

"ମୁଁ ଏବେ କୁଆଡେ ଯାଏ, କହ ବୋଉ
କହ ସେ ଘର ନା ଏ ଘର
କୋଉ ଘରଟି ମୋର
ନିଜର ବୋଲି ଘରଟିଏ ସତରେ
ଥାଏ କି ଘର, କେବେ, କୋଉ ଝିଅର ?"

ଏ ପ୍ରଶ୍ନ ଏବେ ମଧ୍ୟ ରହିଛି ଅନେକ ନାରୀଙ୍କ ଜୀବନରେ ଯଦିଓ ଏଥିପାଇଁ ସମ୍ବିଧାନ ଅଛି, ବାରମ୍ବାର ସଂଶୋଧିତ ହୋଇଛି, ତଥାପି ନାରୀର ସ୍ୱାଧୀନତା ନାହିଁ । ସବୁବେଳେ ସେ ନିର୍ଯ୍ୟାତିତା ତା ସ୍ୱାମୀ ପାଖରେ ।

'ବସୁଷେଣ' କବିତା ସଂକଳନଟି ହୃଷୀକେଶ ମଲ୍ଲିକଙ୍କ ସପ୍ତମ କବିତା ପୁସ୍ତକ । ବସୁଷେଣ କବିତା ସଂକଳଟି ମିଥିଧର୍ମୀ କବିତା । ମହାଭାରତର କର୍ଣ୍ଣ ଚରିତ୍ରକୁ ନେଇ କବି ଶ୍ରୀ ମଲ୍ଲିକଙ୍କର 'ବସୁଷେଣ' କବିତା ସଂକଳନ । ନୀତି ଓ ଆଦର୍ଶକୁ ପାଥେୟ କରି ଆଜୀବନ ଏକ ଉନ୍ନତ, ମାର୍ଜିତ ତଥା ରଚିପୂର୍ଣ୍ଣ ଜୀବନ ପାଳନ କରନ୍ତି 'କର୍ଣ୍ଣ ' । ଏକ ଆଦର୍ଶ ଚରିତ୍ର ଓ ନୀତିନିଷ୍ଠ ବ୍ୟକ୍ତିତ୍ୱର ଅପୂର୍ବ ସମାହର ଦ୍ୱାରା ଜଣେ ନୈତିକତା ସଂପନ୍ନ ମଣିଷ ତଥା ମାନବିକ ମୂଲ୍ୟବୋଧଭିତ୍ତିକ ଚିନ୍ତାଧାରା ପ୍ରକାଶ ଦିଗରେ ଅଗ୍ରଗଣ୍ୟ ମହାମାନବ ଭାବରେ କର୍ଣ୍ଣ ପୂଜିତ କେଉଁ ଆବହମାନ କାଳରୁ । କର୍ଣ୍ଣ ସର୍ବଦା ଅବହେଳିତ ତଥା ନିର୍ଯ୍ୟାତିତ ଚରିତ୍ର । ଆଜୀବନ ସେ ନିଜର ଜନ୍ମ ଜାତକ ପାଇଁ ଅପମାନ ଓ ଦୁଃଖକୁ ମଥାପତି ସହି ଯିବା ଛଡା ତାଙ୍କର ଅନ୍ୟ ଉପାୟ ନ ଥିଲା । ପିତାମାତାଙ୍କ ସ୍ନେହ ଓ ଆଦରରୁ ବଂଚିତ ଏହି ଚରିତ୍ରଟି ପାଖରେ ତଥାପି ନୀତି ଆଦର୍ଶର ଅଭାବ ଆଦୌ ପରିଲକ୍ଷିତ ହୋଇନଥିଲା । କିନ୍ତୁ ହୃଦୟର ଅପରିସୀମ କ୍ଷତ ଓ କ୍ଷତି ସଂପର୍କରେ କବି ହୃଷୀକେଶ ଅତି ସ୍ନେହରେ ଆବଦ୍ଧ ହୋଇ ଦୁଃଖରେ ମର୍ମାହତ ହୋଇ ଗଭୀର ସମବେଦନା ପ୍ରକାଶ କରିଛନ୍ତି-

"ମାଆ କୋଳ ପରି
ଏଥର ଉଷୁମ ଲାଗିଲା ସିନ୍ଦୁକ-ତଳ
ଭୁଲ ବସାରେ ଅଣ୍ଡା ପାରି
ଉଡି ଯାଇଥିବା ଦୁଃଖି-ପକ୍ଷିଣୀର
ଅର୍କ୍ଷିତ ଭବିଷ୍ୟ ମୁଁ ମଝିରେ....
ତଳେ ନଈ, ନାଗ ସାପ
ମେଲା ଆକାଶ, ଚକି ମାରୁଥିବା
ସଂଚାଣ ଆସ୍‌ମାନ୍‌ରେ... ।" (ବସୁଷେଣ -୪)

କର୍ଣ୍ଣ କେତେବେଳେ ଉପେକ୍ଷିତ ଆଉ କେତେବେଳେ ଦୀପ୍ତ ଓ ଦ୍ୟୁତିରେ ହୋଇଛନ୍ତି ମହିମା ବିମଣ୍ଡିତ, ଚିର ଉଦ୍‌ଭାସିତ ଜାଜ୍ୱଲ୍ୟମାନ ତା'ର ଏକ ମୂର୍ତ୍ତିମନ୍ତ । କଠୋର ପରୀକ୍ଷାରେ କର୍ଣ୍ଣ ସମ୍ମୁଖୀନ ହୋଇ କର୍ଣ୍ଣ ନିଜର ଅପରିସୀମ ଧୈର୍ଯ୍ୟ ଓ ଆଶାତୀତ ସହନଶୀଳତା ପ୍ରଦର୍ଶନ କରି ମହାନ ଆତ୍ମା ହୋଇଛନ୍ତି । କିନ୍ତୁ ନିଜର ବଂଶକୁ ନେଇ ସଦା ବ୍ୟଥିତ, କବିଙ୍କ ଭାଷାରେ-

"ଉପବୀତ ନାହିଁ କାନ୍ଧରେ
ଏଣୁ ପ୍ରସ୍ତୁତ କରିନେଲି ନିଜକୁ
ବୋହିବାର କଠୋର ଭାର
ତାଙ୍କ ଅନୁଚ୍ଚରିତ ଅଭିଶାପରେ...
ସେଇମିତି ଝରୁଥାଏ
ଜାନୁର ରକ୍ତ, ଯେମିତି ବହିଯାଇଥିବ
ସେଦିନ, ଅବାରିତ କ୍ଷୀର ମୋ' ମା ଛାତିର...।"
(ବସୁଷେଣ-୯)

ମାତୃ ସ୍ନେହରୁ ବଂଚିତ ହୋଇଛନ୍ତି କର୍ଣ୍ଣ । ନିଜର ପ୍ରକୃତି ପରିଚୟ ପ୍ରଦାନ କରିବା ସତେ ଯେପରି ବସୁଷେଣଙ୍କ ପାଇଁ ଏକ ଅଭିଶାପରେ ପରିଣତ ହୋଇ ସାରିଥିଲା ବୋଲ ସେ ଭାବି ସାରିଛନ୍ତି । ମାତାଙ୍କର କପଟ କୁଟୁମ୍ବିତାକୁ, ପ୍ରପଞ୍ଚନକୁ ହୃଦୟବାନ୍ କର୍ଣ୍ଣ ସ୍ୱୀକାର କରି ଦେଇଛନ୍ତି ଛଳନାକାରୀ ବ୍ରାହ୍ମଣ ହାତରେ ଧରାଇ ଦେଇଛନ୍ତି ଜୀବନ ସୂତ୍ର । ଏତାଦୃଶ କାର୍ଯ୍ୟାବଳୀର ନାୟକ କର୍ଣ୍ଣ, ତେଣୁ ଅନେକ ଶାସ୍ତ୍ର, ସାହିତ୍ୟ ପ୍ରେମିକ ସମ୍ବେଦନାରେ

ପରିପ୍ଲୁତ ହୋଇ ମହାଭାରତ 'ନାୟକ' ରୂପେ ଅଧିଷ୍ଠିତ ହୋଇଥାନ୍ତି ।

'ଜେଜେ ଦେଖିନଥିବା ଭାରତ' କବିତା ସଂକଳନଟି ପ୍ରକାଶ ପାଏ ୨୦୧୫ । ଏହି ପୁସ୍ତକ ପାଇଁ କବି ଶ୍ରୀ ମଲ୍ଲିକ୍ ଶାରଳା ପୁରସ୍କାରରେ ପୁରସ୍କୃତ । ଏହି ସଂକଳନର ପ୍ରଥମ କବିତା 'ଜେଜେ ଦେଖିନଥିବା ଭାରତ' ଜେଜେ ଓ ନାତିଙ୍କ କଥୋପକଥନ ମାଧ୍ୟମରେ କବିତାର କଳେବର । ଏହି କବିତାଟି ପୁସ୍ତକର ସମସ୍ତ କବିତାର ମର୍ମକୁ ବୁଝାଇ ଦେଇଥାଏ । ଅଜା ଓ ନାତି ମଧ୍ୟରେ ଯେଉଁ ସମୟର ବ୍ୟବଧାନ ତାହା ହିଁ ଏହି କବିତାର ମର୍ମ । ନାତି ଦୃଷ୍ଟିରେ ଅଜାଙ୍କ ଭାରତବର୍ଷଠାରୁ ସେ ବହୁ ଦୂର ଚାଲି ଆସିଛି । ନାତିର ଭାରତ ବା ସେ ନିଜେ ଅଂଗେ ଲିଭାଉ ଥିବା ଭାରତର ପୂର୍ବ ରୂପରେଖ ବଦଳି ଯାଇଛି । ଦୁଃଖର କଥା ନାତିର ଭାରତ ବର୍ଷକୁ ଗ୍ରହଣ କରିପାରି ନାହାଁନ୍ତି ଅଜା । କବିଶ୍ରୀ ମଲ୍ଲିକ୍ ଯେଉଁ ଭାରତ ବର୍ଷ ପ୍ରକୃତ ବର୍ଣ୍ଣନା କରିବାକୁ ଚାହିଁଛନ୍ତି ସେ ଗାଁକୁ ପ୍ରତିଧ୍ୱନିତ କରୁନି, ତାହା ମଧ୍ୟ ରାଷ୍ଟ୍ରର ପ୍ରତ୍ୟେକ କୋଣ ଅନୁକୋଣକୁ ପ୍ରତିବିମ୍ବିତ କରୁଛି । କବି ହୃଷୀକେଶ ମଲ୍ଲିକ୍ ଦୃଷ୍ଟିରେ ବିଚ୍ ରାସ୍ତାରେ ଘୋଷାରି ଘୋଷାରି ନିଆଯାଇଥିବା 'ମଢ' ହିଁ ଭାରତବର୍ଷ, ଯେଉଁଠି 'ଥାଳି' ଅଣ୍ଡାଳିଲେ ମିଳେ 'ବଗଡାଭାତ', ଯେଉଁଠି ବେତନ ଭୋଗୀ କର୍ମଚାରୀଟିଏ ସ୍ୱପ୍ନ ଦେଖେ ଯଦି ଦରମା ବଢେ ସେ ସ୍ତ୍ରୀ ଆଗରେ 'ମର୍ଦାନୀ' କିମ୍ବା ପୁତ୍ର ଆଗରେ 'ନୁଖୁରା ତୋଡ' ଦେଖାଇବାର ଭାବନା ଏହି ହିଁ ଭାରତବର୍ଷ ।

'ଜେଜେ ଦେଖିନଥିବା ଭାରତ'ର ପ୍ରାୟ କବିତା ସମାଜିକ ବିଷୟ ଉପରେ ଆଧାରିତ ସମାଜ ନିୟମ କାନୁନ୍‌କୁ କବି ଶ୍ରୀ ମଲ୍ଲିକ୍ ବ୍ୟଙ୍ଗ କରନ୍ତି । ଗ୍ରାମକୁ ଭଲପାଇବା କବି ଏହି କବିତାରେ ମଧ୍ୟ ଗ୍ରାମକୁ ଭୁଲି ଯାଇ ନାହାଁନ୍ତି । ସେ ଗ୍ରାମର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପଟ୍ଟଭୂମିକୁ ଦେଖିଲା ବେଳେ ତାଙ୍କୁ ଯାହା କିଛି ଅବ୍ୟବସ୍ଥିତ ଲାଗିଚି, ସେଇ ଅବ୍ୟବସ୍ଥାକୁ ନେଇ କବିତା ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ଗ୍ରାମାଞ୍ଚଳରେ ଲୋକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ସେମାନଙ୍କର ଅସନ୍ତୋଷକୁ ମାଧ୍ୟମ କରି ସାମାଜିକ ଓ ରାଜନୈତିକ ବିଧି ବ୍ୟବସ୍ଥା ବିରୋଧରେ ଆନ୍ଦୋଳନ କରିବା ପୂର୍ବକ 'ମାଓ-କ୍ୟାଡର' କବିତା ରଚନା କରିଛନ୍ତି । ଯାହାକୁ କବିଙ୍କ ଭାଷାରେ-

"ସଲଖ ଜବାବ ଦିଅ...
ଯେଉଁ ଚଉକିରେ ବସିଚ ତମେ, ସେ ଚଉକି
ମୋର, ବଂଧ ବାଂଧୁଚ ଯୋଉ ପାଣିରେ
ସେ ପାଣି ମୋର
ନିଲାମ କରୁଚ ଯୋଉ ଜଂଗଲ
ସେ ଜଙ୍ଗଲ ମୋର
ମହୁଲି ମୋର, ମହୁଲ ବି ମୋର"(ପୃ-୧୫)

ଏହି କବିତାରେ ବିପ୍ଳବର ନିଆଁ ପ୍ରଖର । ମାଓବାଦୀ ପ୍ରତି ସମବେଦନା ପ୍ରକାଶ କରନ୍ତି । ଏହି କବିତା ଗ୍ରନ୍ଥର କବି ଶ୍ରୀ ମଲ୍ଲିକ୍ ଚାରୋଟି ପିଢିର କଥା କହିଛନ୍ତି । ଏହି ପିଢିମାନଙ୍କର ବ୍ୟବଧାନକୁ ଅତି ସୁନ୍ଦର ଭାବରେ କବିତା ମାଧ୍ୟମରେ ତାହାର ଦୃଶ୍ୟ ପଟ୍ଟକୁ ଚିତ୍ରାୟିତ କରିଛନ୍ତି ।

ହୃଷୀକେଶ ମଲ୍ଲିକ୍ ସମକାଳର ଓଡିଆ କବିତାରେ ଜଣେ ସବୁଠୁ ଜ୍ୟୋତି-ତୀବ୍ର ନକ୍ଷତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରକୃତିର ପରିଚର୍ଯ୍ୟା, ପ୍ରେମର କାରୁଣ୍ୟ ଉପମା, ଚିତ୍ରକଳ୍ପ ବିନ୍ୟାସ ତାଙ୍କ କାବ୍ୟ କବିତାର ମୁଖ୍ୟ ସ୍ୱର ।

ଗବେଷିକା
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ଜ୍ୟୋତି ବିହାର, ବୁର୍ଲା